## ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ

# ଅଭିଭୂତ କଲେ ଅନୁପ

ଭୁବନେଶ୍ୱର,୫।୯ (ଆ.ପ୍ର): ମଞ୍ଚରେ ଥିଲେ ଭାରତର ଭଜନ ସମ୍ରାଟ ତଥା ପ୍ରସିଦ୍ଧ ସଙ୍ଗୀତଜ୍ଞ ଅନୁପ ଜଲୋଟା । ଉପସ୍ଥିତ ଶ୍ରୋତାଙ୍କୁ ସଙ୍ଗୀତରେ କରିଥିଲେ ସମ୍ମୋହିତ । ତାଙ୍କର ପ୍ରଥମ ସଙ୍ଗୀତ ଥିଲା ଐସି ଲାଗି ଲଗନ ମୀରା.... । ଅବସର ଥିଲା ସୃଜନ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ୨୫ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟା ।

ଏହାପରେ ଶ୍ରୀ ଜଲୋଟା ବୋଲ ରାମ ବୋଲ ରାମ..., ବଡ଼େ ମସହୁର ହୋତେ ଜା ରେହେ ହୋ..., ଜଗ ମେ ସୁନ୍ଦର ହେ ଦୋ ନାମ..., ତୁମାହାଁରେ ସହର ମେ ମୌସମ..., ଶ୍ୟାମ ତେରୀ ବଂଶୀ ପୁକାରେ..., ତୁମ ଇତନା ଜୋମୁସକୁରା ରୈହୀ ହୋ....ଆଦି ସଙ୍ଗୀତ ପରିବେଷଣ କରିଥିଲେ । ତାଙ୍କୁ ସଙ୍ଗୀତରେ ସହଯୋଗ କରିଥିଲେ କୋଏଲ ତ୍ରିପାଠୀ । ପରେ ମଞ୍ଚର ଶୋଭା ବଢ଼ାଇଥିଲେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର କଳାକାର । ମୀରା ଦାସ ଓ



ଫଟୋ:ସମାଜ, (କ)

ସାଥୀଙ୍କ ପ୍ରସ୍ତୁତିରେ ଥିଲା ଓଡ଼ିଶୀ ନୃତ୍ୟ । ଶୁଦ୍ଧ ନୃତ୍ୟ ସହିତ ଅଭିନୟ ଦଶାବତାର ପରିବେଷଣ କରି ପରିବେଶକୁ ରସସିକ୍ତ କରିଥିଲେ । ସନ୍ଧ୍ୟାରେ ଅତିଥିଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର, ଭଜନ ସମ୍ରାଟ ତଥା ପ୍ରସିଦ୍ଧ ଗଜଲ ଗାୟକ ଅନୁପ ଜଲୋଟା, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ମୁଖ୍ୟ ମହାପ୍ରବନ୍ଧକ ପ୍ରବୀଣ କାଲା, ଏମ.ଜି.ଏମର ଅଧକ୍ଷ ପଙ୍କଜ ଲୋଚନ ମହାନ୍ତି ଏବଂ ସୃଜନର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଇଂ ଡ. ମିଳନ୍ ।